NATIONAL DAIRY PLAN
MISSION MILK
THE NEXT REVOLUTION

# ଗୋପାଳନ ବ୍ୟବସାୟରେ ଉତ୍ତମ ଗୁହାଳର ଆବଶ୍ୟକତା



ଗୋ ସମ୍ପଦର ଉନ୍ନତି ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଉତ୍ତମ ଗୁହାଳ ନିର୍ମାଣ ଅତ୍ୟନ୍ତ ଜରୁରୀ ଅଟେ। ଗୁହାଳ ନିର୍ମାଣ ସମୟରେ ନିମ୍ନ ଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

୧. ଗୁହାଳର ପରିବେଶ ନାତିଶୀତୋଷ୍ଣ ରହିବା ଆବଶ୍ୟକ।

୨. ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ୍।

୩. ଗୁହାଳର ଚଟାଣ ଖଦଡିଆ ସିମେଣ୍ଟ କଂକ୍ରିଟ ଦ୍ୱାରା ୧.୫% ଢାଲୁ କରିବା ଆବଶ୍ୟକ।

୪. ଗୁହାଳରୁ ଗୋବର, ମୂତ୍ର ଇତ୍ୟାଦି ନିଷ୍କାସନ ପାଇଁ ୮ ଇଞ୍ଚ ଚଉଡା ଓ ୩ ଇଞ୍ଚ ଗଭୀରତା ବିଶିଷ୍ଟ ନାଳ ନିର୍ମାଣ କରିବା ଆବଶ୍ୟକ।

୫. ପ୍ରତ୍ୟେକ ଗାଈ ଓ ମଇଁଷି ପାଇଁ ୫୦-୬୦ ବର୍ଗଫୁଟ ପରିମିତ ସ୍ଥାନ ଗୁହାଳ ମଧ୍ୟରେ ରହିବା ଆବଶ୍ୟକ।

୬. ଗାଈଗୋରୁଙ୍କ ପାନୀୟ ଜଳ ଓ ଗାଧୋଇବା ତଥା ଗୁହାଳ ସଫା କରିବା ପାଇଁ ଗୁହାଳକୁ ଯଥେଷ୍ଟ ମାତ୍ରାରେ ଜଳ ଯୋଗାଣ ବ୍ୟବସ୍ଥା କରିବା ଉଚିତ୍।

୭. ଗୁହାଳର କାନ୍ଥକୁ ଲାଗି ଚଟାଣରୁ ୧ ଫୁଟ ଉଚ୍ଚତାରେ ୨ ଫୁଟ ଓସାର ଓ ୧.୫ ଫୁଟ ଗଭୀର ବିଶିଷ୍ଟ କୁଣ୍ଡ ତିଆରି କରି ତହିଁରେ ଗାଈ ମଇଁଷିମାନଙ୍କୁ ଖାଦ୍ୟ ଓ ପିଇବା ପାଣି ଦିଅନ୍ତୁ।

୮. ଗୁହାଳର ଛାତ ନଡା ଛପର/ଆଜବେଷ୍ଟସ/କଂକ୍ରିଟ ହେବା ଆବଶ୍ୟକ ଓ ଏହାର ଉଚ୍ଚତା ଚଟାଣଠାରୁ ଅନ୍ୟୁନ ୧୦ ଫୁଟ ରହିବା ଆବଶ୍ୟକ।

୯. ଗୁହାଳର ଚତୁଃପାର୍ଶ୍ୱ ଖୋଲା ରଖନ୍ତୁ ଓ ଏହା ଦ୍ୱାରା ଗୁହାଳରେ ଯତେଷ୍ଟ ଆଲୋକ ଓ ପବନ ଚଳାଚଳ ହୋଇପାରିବ।

୧୦.ଗୁହାଳର ଖାଲିଥିବା ଅଂଶରେ ମଶାରି ଜାଲି ଦ୍ୱାରା ଢାଙ୍କିବା ସହିତ ରାତ୍ରି ସମୟରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କଲେ ପଶୁମାନେ ମଶାମାଛି ଦାଉରୁ ରକ୍ଷା ପାଇଥାନ୍ତି।

୧୧.ଗୁହାଳର ପୂର୍ବ ଦିଗରେ ପଶୁମାନଙ୍କ ଚଲାବୁଲା ପାଇଁ କିଛି ଖୋଲା ସ୍ଥାନ ରଖନ୍ତୁ।

୧୨.ଗୁହାଳରୁ ନିଷ୍କାସିତ ଗୋବରକୁ ଗୋବର ଗ୍ୟାସ ଟାଙ୍କିରେ ବିନିଯୋଗ କରି ବିଦ୍ୟୁତ୍ ତଥା ରନ୍ଧନ ଗ୍ୟାସ ମଧ୍ୟ ଉତ୍ପାଦନ କରିପାରିବେ।

୧୩.ଗୁହାଳରୁ ନିଷ୍କାସିତ ଗୋବର, ନଡା କୁଟା ଇତ୍ୟାଦି ବ୍ୟବହାର କରି ଜିଆ ଖତ ଉତ୍ପାଦନ କରନ୍ତୁ।

୧୪.ଗୁହାଳରୁ ନିଷ୍କାସିତ ଗୋବର, ମୂତ୍ରକୁ ବିନିଯୋଗ କରି ବହୁ ବର୍ଷୀୟ ଓ ଋତୁକାଳୀନ ଗୋଖାଦ୍ୟ ଫସଲ ଉତ୍ପାଦନ କରନ୍ତୁ।

୧୫.ଏହି ପ୍ରଣାଳୀରେ ଗୁହାଳ ପାଇଁ ପ୍ରତି ବର୍ଗଫୁଟ ପିଛା ପ୍ରାୟ ୧୦୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ ଓ ଏହା ଦୀର୍ଘ ସ୍ଥାୟୀ ହେବା ସଙ୍ଗେ ସଙ୍ଗେ ଗୋରୁମାନଙ୍କ ପାଇଁ ଆରାମଦାୟକ ହୋଇଥାଏ।

## ପକ୍କା (ଉତ୍ତମ) ଗୁହାଳ ଓ କଚ୍ଚା (ପାରମ୍ପରିକ) ଗୁହାଳ ମଧ୍ୟରେ ପାର୍ଥକ୍ୟ

### ପକ୍କା ଗୁହାଳ

୧. ପରିବେଶ ସ୍ୱାସ୍ଥ୍ୟକର।

୨. ଯଥେଷ୍ଟ ଆଲୋକ ଓ ପବନ ଉପଲବ୍ଧ।

୩. ଗୁହାଳରୁ ଗୋବର, ମୂତ୍ର ନିଷ୍କାସନ ବ୍ୟବସ୍ଥା ବିଶିଷ୍ଟ।

୪. ପକ୍କା ଗୁହାଳ ଦୀର୍ଘସ୍ଥାୟୀ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍।

୫. ଗୁହାଳର କାନ୍ଥ ମସୃଣ ହୋଇଥିବାରୁ ଟିଙ୍କମାନଙ୍କର ପ୍ରାର୍ଦୁଭାବ ନଥାଏ।

୬. ମଶା ମାଛିର ପ୍ରାର୍ଦୁଭାବ ନଥାଏ।

୭. ପଶୁମାନଙ୍କୁ ଦିଆଯାଉଥିବା ଗୋଖାଦ୍ୟ, ସବୁଜ ଘାସ, ପାନୀୟ ଜଳର ଉଚିତ୍ ବିନିଯୋଗ।

୮. ଫାଟୁଆ, ବଜବଜିଆ, ସାହାଣ, ଥାଲେରିସିସ୍, ସ୍ତନହରା ଇତ୍ୟାଦି ରୋଗର ପ୍ରାଦୁର୍ଭାବ ନଥାଏ।

୯. ଗାଈଗୋରୁ ସୁସ୍ଥ ସବଳ ରହିବା ସହିତ ପ୍ରଜନନ ଦକ୍ଷତା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇଥାଏ।

୧୦.ଗୁହାଳରୁ ନିଷ୍କାସିତ ଗୋବର, ମୂତ୍ର ଓ ଅନ୍ୟାନ୍ୟ ନଡାକୁଟାର ଉଚିତ୍ ବିନିଯୋଗ ହୋଇଥାଏ।

### କଚ୍ଚାଗୁହାଳ

୧. ପରିବେଶ ଅସ୍ୱାସ୍ଥ୍ୟକର।

୨. ଅନ୍ଧାରୁଆ ଓ ପବନ ଚଳାଚଳ ବ୍ୟବସ୍ଥା ନଥାଏ।

୩. ଗୁହାଳରୁ ଗୋବର, ମୂତ୍ର ନିଷ୍କାସନ ସମୟ ସାପେକ୍ଷ ଓ ଅଧିକ ଶ୍ରମଯୁକ୍ତ।

୪. କଚ୍ଚା ଗୁହାଳ କ୍ଷଣସ୍ଥାୟୀ ଓ ରକ୍ଷଣବେକ୍ଷଣ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଓ ଅଧିକ ଖର୍ଚ୍ଚ ହୋଇଥାଏ।

୫. ଗୁହାଳର କାନ୍ଥ ରନ୍ଧ୍ରମାନଙ୍କରେ ଟିଙ୍କ ରହି ବଂଶ ବୃଦ୍ଧି କରିଥାନ୍ତି।

୬. ମଶା ମାଛିଙ୍କର ଉପଦ୍ରବ ଅଧିକ।

୭. ଗୋଖାଦ୍ୟ ଓ ପାନୀୟ ଜଳ ଅସ୍ୱାସ୍ଥ୍ୟକର ହେବା ସଙ୍ଗେ ସଙ୍ଗେ ବହୁତ ମାତ୍ରାରେ ନଷ୍ଟ ହୋଇଥାଏ।

୮. ଏହି ରୋଗଗୁଡ଼ିକ ଅଧିକ ପରିମାଣରେ ପରିଲକ୍ଷିତ ହୁଏ।

୯. ଗାଈ ଗୋରୁ ରୋଗୀଣା ଥାଆନ୍ତି ବାରମ୍ବାର ଗର୍ଭ ଲେଉଟାଇବା ସଙ୍ଗେ ସଙ୍ଗେ ଦୁଗ୍ଧ ଉତ୍ପାଦନ ମଧ୍ୟ କମ୍ ହୋଇଥାଏ।

୧୦. ଗୁହାଳରୁ ଆବର୍ଜନା ନିଷ୍କାସନ ସମୟ ସାପେକ୍ଷ ଯଥେଷ୍ଟ ଓ ଅଧିକ ଶ୍ରମଯୁକ୍ତ ହୋଇଥାଏ।

omfed

ସୌଜନ୍ୟ : ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁର

SAMUL